ପାଠ-୯

# ଭାଷା ଓ ଜାତୀୟତା

**STUDY NOTES**

## MIND MAP



## ପ୍ରବନ୍ଧର ଆଭିମୁଖ୍ୟ

ଆଲୋଚ୍ୟ ପ୍ରବନ୍ଧଟି 'ସତ୍ୟବାଦୀ' ପତ୍ରିକାର ୧୨ ଶ ଭାଗ, ୬ଷ୍ଠ ଖଣ୍ଡ, ୧୯୧୫ ଜୁନ୍‌ରେ ପ୍ରକାଶ ପାଇଥିଲା । ତତ୍କାଳୀନ ପରିବେଶରେ ପ୍ରାବନ୍ଧିକ ଭାଷାଭିତ୍ତିରେ ଜାତୀୟତା ଗଠନ ନିମିତ୍ତ ପରାମର୍ଶ ଦେଇ ଏହାକୁ ରଚନା କରିଥିଲେ । ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ଭାବରେ ଗୋପବନ୍ଧୁ ଭାଷା ଭିତ୍ତିରେ ପ୍ରଦେଶ ଗଠନ ପାଇଁ ଯୋଜନା କରିଥିଲେ । ଭାଷାଦ୍ୱାରା କେବଳ ଜାତୀୟତା ସମ୍ଭବ ବୋଲି ସେ ଅଭିମତ ଦେଇଥିଲେ । ଭାଷା ଭିନ୍ନ ଭାବପ୍ରକାଶ ସହଜ ହୋଇ ନଥାଏ । ତେଣୁ ଭାଷା ଉପରେ ଗୁରୁତ୍ୱ ଦେଇ ଏଭଳି ମନ୍ତବ୍ୟ ସେ ପ୍ରକାଶ କରିଥିଲେ ।

## ପ୍ରବନ୍ଧର ସାରମର୍ମ

ପ୍ରବନ୍ଧର ପ୍ରଥମ ପର୍ଯ୍ୟାୟରେ ପ୍ରାବନ୍ଧିକ ଗୋପବନ୍ଧୁ ଦାସ ଭାରତର ଏକ ସଙ୍କଟଜନକ ପରିସ୍ଥିତିର ସୂଚନା ଦେଇଛନ୍ତି । ସେ ସମୟରେ ଭାରତୀୟଙ୍କ ମନରେ କିପରି ଜାତୀୟତାଭାବ ସୃଷ୍ଟି ହେବ, ସେ ସମ୍ବନ୍ଧରେ ସମସ୍ତେ ବିଭିନ୍ନ ଉପାୟ ଚିନ୍ତା କରୁଛନ୍ତି; ମାତ୍ର କେହି ଜଣେ ହେଲେ ଜାତୀୟତା ପ୍ରତିଷ୍ଠା ପାଇଁ ଉପଯୁକ୍ତ ବାଟ ପାଉ ନାହାଁନ୍ତି । ଅନେକ ସମ୍ବାଦପତ୍ର ଏ ବିଷୟରେ ଲେଖାମାନ ପ୍ରକାଶ କରୁଛନ୍ତି । ସଭାସମିତିରେ ଏହାକୁ ନେଇ ଭାଷଣ କାର୍ଯ୍ୟକ୍ରମ ହେଉଛି । ସମସ୍ତଙ୍କ ମନରେ ଗୋଟିଏ ଉଦ୍ଦେଶ୍ୟ ଲୋକମାନଙ୍କ ମନରେ କିପରି ଜାଗୃତି ସୃଷ୍ଟି ହେବ । ଏପରିକି, କାବ୍ୟ, ନାଟକ ଓ ଉପନ୍ୟାସ ମାଧ୍ୟମରେ ଏହାର ସୂଚନା ଦିଆଯାଉଛି । ସବୁ ବ୍ୟବସ୍ଥା ହେଲେ ମଧ୍ୟ ସମାଧାନର ସୂତ୍ର ବାହାରି ପାରୁନାହିଁ । ଯାହାଫଳରେ ଅନେକ ଲୋକଙ୍କ ମନରେ ହତାଶା ଭାବ ସୃଷ୍ଟି ହେଉଛି । ଜାତୀୟତା ଭାବ ଏକାବେଳେକେ ଅସମ୍ଭବ ବୋଲି ସମସ୍ତେ କହୁଛନ୍ତି । କେହି କେହି ଅତୀତର ପ୍ରେରଣାଦାୟୀ ଅନୁଚିନ୍ତାକୁ ପ୍ରକାଶ କରୁଛନ୍ତି । ଏବେ ନହେଲେ ବି ଭବିଷ୍ୟତରେ ଏହା ସମ୍ଭବ ହେବ ବୋଲି କହୁଛନ୍ତି । କେତେକ ଭାରତୀୟ ଜାତୀୟତା ପାଇଁ ପ୍ରାଚ୍ୟ ଚିନ୍ତାଧାରାକୁ ବିଶ୍ଲେଷଣ କରୁଛନ୍ତି । ପୁଣି ଅନ୍ୟ କେତେକ ପରମୁଖାପେକ୍ଷୀ ହୋଇ ରହିଛନ୍ତି ।

ODM EDUCATIONAL GROUP